# NATIONAL NEWS BULLETIN (ODIA)

**25 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ୨୫ତମ କାର୍‌ଗିଲ ଦିବସ ଅବସରରେ ଆସନ୍ତାକାଲି କାର୍‌ଗିଲ ଯୁଦ୍ଧ ସ୍ମାରକ ପରିଦର୍ଶନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିଚାର ବିଭାଗୀୟ ହେପାଜତ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କଲେ ରାଉଜ୍ ଆଭେନ୍ୟୁ କୋର୍ଟ ।

- ଗୁଜୁରାଟ ବନ୍ୟାରେ ମୃତ୍ୟୁସଂଖ୍ୟା ୬୧କୁ ବୃଦ୍ଧି ।

- ଓଡ଼ିଶା ବିଧାନସଭାରେ ଆଜି ଉପସ୍ଥାପିତ ହେବ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ।

ଏବଂ

- ଅମରନାଥ ଗୁମ୍ଫା ଦର୍ଶନ ନିମନ୍ତେ ଆଜି ଯାତ୍ରା ଆରମ୍ଭ କଲେ ୩ହଜାର ଅଣାନବେ ଜଣ ତୀର୍ଥଯାତ୍ରୀ ।

# ପିଏମ୍ - କାର୍ଗିଲ୍ ଦିବସ

୨୫ତମ କାର୍ଗିଲ ଦିବସ ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଗିଲ ଯୁଦ୍ଧ ସ୍ମାରକ ପରିଦର୍ଶନ କରିବେ । ଶ୍ରୀ ମୋଦୀ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସିଙ୍କୁନ-ଲା-ସୁଡଙ୍ଗ ପରିଯୋଜନାର ଭର୍ଚୁଆଲରେ ଶୁଭାରମ୍ଭ କରିବେ । ଏହି ସୁଡଙ୍ଗର ଲମ୍ବ ୪ କିଲୋମିଟରରୁ ଅଧିକ ଏବଂ ଏହା ସବୁ ପରିସ୍ଥିତିରେ ଲେହ ସହ ଅନ୍ୟ ଅଞ୍ଚଳକୁ ଯୋଗାଯୋଗ ରକ୍ଷା କରିପାରିବ । ପ୍ରାୟ ୧୫ହଜାର ୮୦୦ଫୁଟ ଉଚ୍ଚରେ ନିର୍ମାଣ କରାଯାଇଥିବା ଏହି ସୁଡଙ୍ଗ ବିଶ୍ୱର ସବୁଠାରୁ ଉଚ୍ଚତମ ସୁଡଙ୍ଗ ହେବ । ଏହା ଖୋଲିବା ପରେ ଲଦାଖର ସାମାଜିକ ଏବଂ ଆର୍ଥିକ ବିକାଶ ଘଟିବ ବୋଲି କୁହାଯାଇଛି ।

ଏହି ଅବସରରେ ଆସନ୍ତାକାଲି ସେଠାରେ ମହିଳା ମୋଟର ବାଇକ୍ ର୍ୟାଲିର ଆୟୋଜନ କରାଯାଇଛି । ଏ ସମ୍ପର୍କରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତୀୟ ସୈନିକ ତଥା ବିଶେଷ କରି ନାରୀ ଶକ୍ତି ପ୍ରତି ସମ୍ମାନ ଜଣାଇ ସେନାର ୨୫ ଜଣ ଅଭିଜ୍ଞ ମହିଳା ଏହି ମୋଟର ବାଇକ୍ ର୍ୟାଲିରେ ଅଂଶଗ୍ରହଣ କରିବେ ।

# କେଜରିୱାଲ ଆରେଷ୍ଟ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିଚାର ବିଭାଗୀୟ ହେପାଜତ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆଜି ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଅବକାରୀ ନୀତି ଦୁର୍ନୀତି ମାମଲାରେ କେଜରିୱାଲଙ୍କ ବିଚାର ବିଭାଗୀୟ ହେପାଜତ ବୃଦ୍ଧି କରିଛନ୍ତି । ମାମଲାର ଶୁଣାଣି ନିମନ୍ତେ କେଜରିୱାଲଙ୍କୁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ନ୍ୟାୟାଳୟରେ ହାଜର କରାଯାଇଥିଲା । ଏହା ପୂର୍ବରୁ ଜୁଲାଇ ମାସ ୧୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଅବକାରୀ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଦାୟର ହୋଇଥିବା ଅର୍ଥ ଠକେଇ ମାମଲାରେ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଥିଲେ । ତେବେ ସିବିଆଇ ଦ୍ୱାରା ଦାୟର କରାଯାଇଥିବା ମାମଲାରେ ଜାମିନ ମିଳିନଥିବାରୁ କେଜରିୱାଲଙ୍କୁ ତିହାର ଜେଲ୍‌ରେ ରଖାଯାଇଛି ।

# ଆକାଶବାଣୀ ଏଡିଟର ଡେଥ୍

ଆକାଶବାଣୀର ପୂର୍ବତନ ସମାଚାର ସମ୍ପାଦକ ପି. ଚନ୍ଦ୍ରଶେଖରନଙ୍କର ଆଜି କେରଳସ୍ଥିତ କୋଜିକୋଡିର ଏକ ଡାକ୍ତରଖାନାରେ ୯୪ ବର୍ଷ ବୟସରେ ପରଲୋକ ଘଟିଛି । ସେ ଆକାଶବାଣୀର ନୂଆଦିଲ୍ଲୀ ଏବଂ

ତିରୁଅନନ୍ତପୁରମ କେନ୍ଦ୍ରରେ କାର୍ଯ୍ୟ କରିଥିଲେ । ସେ ବି.କେ. ନାରାୟଣ ଭଟ୍ଟାଥିରି ଟ୍ରଷ୍ଟର ସ୍ଥାପନା କରିଥିଲେ । ଶ୍ରୀ ଚନ୍ଦ୍ରଶେଖରନ ଭାରତୀୟ ବିଦ୍ୟାଭବନ ଏବଂ ଅନେକଗୁଡ଼ିଏ ସାଂସ୍କୃତିକ ସଂଗଠନ ସହ ସଂପୃକ୍ତ ଥିଲେ ।

## ଗୁଜୁରାଟ ଫ୍ଲଡ

ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ରାଜ୍ୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି । ପରେ ସମ୍ବାଦଦାତା ମାନଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଋଷିକେଶ ପଟେଲ କହିଛନ୍ତି ସରକାର ସ୍ଥିତି ଉପରେ ନଜର ରଖିଛନ୍ତି । ସେ କହିଛନ୍ତି ବନ୍ୟା ପ୍ରଭାବିତ ୭ଟି ଜିଲ୍ଲାର ୪ହଜାର ୨୦୦ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ବନ୍ୟାରେ ଫସିଥିବା ୫୩୫ଜଣ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଇତିମଧ୍ୟରେ ବର୍ଷା ଓ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୬୧କୁ ବୃଦ୍ଧି ପାଇଛି । ଏନ୍‌ଡିଆର୍‌ଏଫ୍‌ର ୧୩ଟି ଦଳ ଏବଂ ଏସ୍‌ଡିଆର୍‌ଏଫ୍‌ର ୨୦ଟି ଦଳ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ୪୬ଟି ଜଳାଶୟ ପୂରଣ ହୋଇଥିବାବେଳେ ୫୧ଟି ଜଳାଶୟର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଇତିମଧ୍ୟରେ ୫ହଜାରରୁ ଅଧିକ ଗାଁକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯାଇଛି । ସୁରଟ, ନବସାରୀ, ବଲ୍‌ସାଡ, ଦମନ

ଏବଂ ଦାଦରା ନଗର ହାବେଲୀ ଅଞ୍ଚଳକୁ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି ।

## ରିଜିଜୁ-ଅପୋଜିସନ୍

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ବିରୋଧୀ ଦଳର ନେତାମାନଙ୍କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ବିରୋଧୀ ନେତାମାନେ ଜନାଦେଶର ଅପମାନ କରିଛନ୍ତି । ନୂଆଦିଲ୍ଲୀରେ ଏକ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ରିଜିଜୁ କହିଛନ୍ତି ଦେଶ ଯେତେବେଳେ ବଜେଟ୍ ଉପରେ ଫଳପ୍ରଦ ଆଲୋଚନା କରିବାକୁ ଚାହୁଁଛି ସେତେବେଳେ କିଛି ବିରୋଧୀ ଦଳ ନେତାଙ୍କ ମତ ଓ ମନ୍ତବ୍ୟ ଗୃହର ସମ୍ମାନ ହ୍ରାସ କରୁଛି । ସେ ବିରୋଧୀମାନଙ୍କୁ ଜନାଦେଶର ସମ୍ମାନ କରିବା ଲାଗି ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଥା ଅବତାରଣା କରି ଶ୍ରୀ ରିଜିଜୁ କହିଛନ୍ତି, ନିର୍ବାଚନ ଶେଷ ହୋଇଯାଇଛି ତେଣୁ ଏବେ ବିକଶିତ ଭାରତ ଗଠନ ନିମନ୍ତେ କାର୍ଯ୍ୟ କରିବା ଏବଂ କେନ୍ଦ୍ରୀୟ ବଜେଟ୍ ଉପରେ ରଚନାତ୍ମକ ଆଲୋଚନା କରିବା ଉପରେ ଧ୍ୟାନଦେବା ଆବଶ୍ୟକ । ସେ ଅଭିଯୋଗ କରିଛନ୍ତି ବିରୋଧୀ ନେତାମାନେ ବଜେଟ୍ ଉପରେ ଆଲୋଚନା ନ କରି କେବଳ ରାଜନୀତି କରୁଛନ୍ତି ।

ଶ୍ରୀ ରିଜିଜୁ କହିଛନ୍ତି ଚଳିତ ବଜେଟ୍ ହେଉଛି ଭାରତକୁ ବିଶ୍ୱର ତୃତୀୟ ଅର୍ଥନୀତିରେ ପରିଣତ କରିବାର ଉପାୟ । ଏହି ବଜେଟ୍‌ରେ ମହିଳା, କୃଷକଙ୍କ ସମେତ ସମସ୍ତ କ୍ଷେତ୍ର ପାଇଁ ବିକାଶର ରାସ୍ତା ଖୋଲାଯାଇଛି ।

# ପିଏମ୍

ବ୍ରିଟେନ୍ ବୈଦେଶିକ ମନ୍ତ୍ରୀ ଡାଭିଡ୍ ଲାମି ଗତକାଲି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଶ୍ରୀ ମୋଦୀ ଭାରତ ଓ ବ୍ରିଟେନ୍ ମଧ୍ୟରେ ଆପୋଷ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ତାଙ୍କର ବ୍ରିଟେନ୍ ପ୍ରତିପକ୍ଷ କେର୍ ଷ୍ଟାର୍‌ମର୍‌ଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଭାରତ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଦୁଇ ଦେଶର ସ୍ୱାର୍ଥ ଲାଗି ଦ୍ୱିପକ୍ଷିୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏବଂ ବୈଷୟିକ ଜ୍ଞାନକୌଶଳ ନିରାପତ୍ତା ବ୍ୟବସ୍ଥାକୁ ଶ୍ରୀ ମୋଦୀ ସ୍ୱାଗତ କରିଛନ୍ତି ।

ଅନ୍ୟପକ୍ଷରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଲାଗି ବିଶ୍ୱସ୍ତରରେ ଭାରତ ଓ ବ୍ରିଟେନ୍ ମିଳିତ ଉଦ୍ୟମ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ଦିଲ୍ଲୀ ଠାରେ ଡକ୍ଟର ଜୟଶଙ୍କର ତାଙ୍କର ବ୍ରିଟେନ୍ ପ୍ରତିପକ୍ଷ ଡେଭିଡ୍ ଲାମିଙ୍କ ସହିତ ଆଲୋଚନା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି, ଭାରତ-ବ୍ରିଟେନ୍ ଦ୍ୱିପକ୍ଷିୟ ସମ୍ପର୍କ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ବହୁବିଧ ସମ୍ଭାବ୍ୟ ରହିଛି । ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ସଫଳତାର ସହ ନିଜର ସ୍ଥିତି ଜାହିର କରିପାରିଛନ୍ତି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ଓଡ଼ିଶା-ବଜେଟ୍

ଓଡ଼ିଶା ବିଧାନସଭାରେ ଆଜି  ଅପରାହ୍ଣରେ ରାଜ୍ୟ ବଜେଟ୍ ଉପସ୍ଥାପନ କରାଯିବ ।  ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ବିଜେପି ସରକାର ପ୍ରଥମ କରି ରାଜ୍ୟ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ଏହି ବଜେଟ୍ ଉପସ୍ଥାପନ କରିବାକୁ ଯାଉଛି । ଗତ ଫେବୃୟାରୀ ୮ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ୧ଲକ୍ଷ ୧୮ ହଜାର କୋଟି ଟଙ୍କାର ଅନ୍ତରିଣ ବଜେଟ୍ ଉପସ୍ଥାପନ କରିଥିଲେ । ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୪ ମାସ ଖର୍ଚ୍ଚ ବହନ ଲାଗି ଏହି ବଜେଟ୍‌ରେ ବ୍ୟବସ୍ଥା କରାଯାଇଥିଲା ।

# ନେତାନ୍ୟାହୁ-ଆମେରିକା କଂଗ୍ରେସ

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଜି ସକାଳେ ୱାଶିଂଟନ୍‌ରେ ଆମେରିକା କଂଗ୍ରେସକୁ ସମ୍ବୋଧିତ କରିଛନ୍ତି । ପ୍ରାୟ ଏକଘଣ୍ଟାରୁ ଅଧିକ ସମୟ ଧରି ନିଜ ସମ୍ବୋଧନରେ ଶ୍ରୀ ନେତାନ୍ୟାହୁ ଫିଲିସ୍ତିନୀ ଅଞ୍ଚଳରେ ୯ମାସରୁ ଅଧିକ ସମୟ ଧରି ଚାଲିଥିବା ସଂଘର୍ଷ ପରେ ଆମେରିକା ଅସ୍ତ୍ରଶସ୍ତ୍ର ଯୋଗାଣ କରିବା କ୍ଷେତ୍ରରେ ଅଧିକ ଦୃଢ଼ତା ପ୍ରଦର୍ଶନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ସେ କହିଛନ୍ତି ପଶ୍ଚିମ ଏସୀୟ

ସୁରକ୍ଷା ମେଣ୍ଟକୁ ଆହୁରି ସୁଦୃଢ଼ କରିବା ସହିତ ଏଥିରେ ଇସ୍ରାଏଲ ଏବଂ ଆରବୀୟ ରାଷ୍ଟ୍ରଗୁଡ଼ିକୁ ସାମିଲ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି ।

ସେ କହିଛନ୍ତି ଇସ୍ରାଏଲ' ବନ୍ଧକମାନଙ୍କୁ ମୁକ୍ତ କରିବା ସୁନିଶ୍ଚିତ କରିବା ଲାଗି ସକ୍ରିୟ ଢ଼ଙ୍ଗରେ କାର୍ଯ୍ୟ କରୁଛି । ସେ କହିଛନ୍ତି ତାଙ୍କ ସରକାର ଯୁଦ୍ଧ ପରେ ଫିଲିସ୍ତାନୀମାନଙ୍କ ନେତୃତ୍ୱରେ ଗାଜାର ପରିକଳ୍ପନା କରୁଛନ୍ତି । ଏପରି ଏକ ଗାଜା ଗଠନ ପାଇଁ ସେମାନେ ଚିନ୍ତା କରୁଛନ୍ତି ଯାହା ଇସ୍ରାଏଲକୁ ନଷ୍ଟଭ୍ରଷ୍ଟ କରିବା ପାଇଁ ଚେଷ୍ଟା କରିବ ନାହିଁ ।

ନେତାନ୍ୟାହୁଙ୍କ ଅଭିଭାଷଣ ସମୟରେ ଅନେକ ଡେମୋକ୍ରାଟ ସମର୍ଥକ ତାଙ୍କ ମତକୁ ଅଗ୍ରାହ୍ୟ କରିଥିଲେ । ନେତାନ୍ୟାହୁ କହିଛନ୍ତି ଇସ୍ରାଏଲ ବିରୋଧୀ ବିକ୍ଷୋଭକାରୀ ହମାସ୍ ସହିତ ଅଛନ୍ତି । ଯେଉଁ ଲୋକମାନେ କୌଣସି କାରଣ ନଥାଇ ବିରୋଧ ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ ଇରାନ ସମର୍ଥନ ଯୋଗାଇ ଦେଉଛି । ବିଦେଶୀ ନେତା ଭାବରେ ଆମେରିକା ସିନେଟ୍‌ରେ ଏହା ନେତାନ୍ୟାହୁଙ୍କ ଚତୁର୍ଥଥର ସମ୍ବୋଧନା ଅଟେ ।

## ବାଇଡେନ୍-ଇଲେକ୍ସନ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି ସେ ଲୋକତନ୍ତ୍ରକୁ ବଞ୍ଚାଇବା ପାଇଁ ୨୦୨୪ ରାଷ୍ଟ୍ରପତି ନିର୍ବାଚନରୁ ଓହରିଯାଇଛନ୍ତି । ଆଜି ହ୍ୱାଇଟ୍ ହାଉସ୍‌ରୁ ରାଷ୍ଟ୍ରକୁ ସମ୍ବୋଧିତ କରି ସେ କହିଛନ୍ତି ଏବେ ନୂଆପିଢ଼ି

ଦାୟିତ୍ୱ ନେବାର ସମୟ ଆସିଛି । ସେ କହିଛନ୍ତି ଉପରାଷ୍ଟ୍ରପତି କମଳା ହାରିସ୍ ଚଳିତବର୍ଷ ନଭେମ୍ବରରେ ହେବାକୁ ଥିବା ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ସାମ୍ନା କରିପାରିବେ । ଚଳିତ ରାଷ୍ଟ୍ରପତି ନିର୍ବାଚନରୁ ଓହରି ଯିବା ପରେ ବାଇଡେନ୍ ପ୍ରଥମଥର ପାଇଁ ରାଷ୍ଟ୍ରକୁ ସମ୍ବୋଧିତ କରିଛନ୍ତି ।

## ଅମରନାଥ ଯାତ୍ରା

ଅମରନାଥ ଗୁମ୍ଫା ଦର୍ଶନ ନିମନ୍ତେ ଆଜି ସକାଳୁ ୩ହଜାର ଅଣାନବେ ଜଣ ତୀର୍ଥଯାତ୍ରୀ ଜାମ୍ମୁର ଭଗବତୀ ନଗର ମୂଳ ଶିବିରରୁ କାଶ୍ମୀର ଘାଟି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଆଜି ସକାଳୁ ୧୦୬ଟି ଦଳରେ ତୀର୍ଥଯାତ୍ରୀମାନେ ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ୧ହଜାର ୨୮୬ଜଣ ତୀର୍ଥଯାତ୍ରୀ ବାଲ୍ତଲ୍ ମୂଳ ଶିବିରରୁ ଏବଂ ୧ହଜାର ୮୦୩ ଜଣ ତୀର୍ଥଯାତ୍ରୀ ପହଲଗାମ ମୂଳ ଶିବିରରୁ ଯାତ୍ରା ଆରମ୍ଭ କରିଛନ୍ତି ।